# ପିଲାମାନଙ୍କ ପାଇଁ ବାଇବଲ

ଉପହାର

# ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ



ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ
ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ
ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ । ଆଶ୍ଚର୍ଯ୍ୟ କର୍ମ ଗୁଡ଼ାକ ପ୍ରମାଣିତ କରନ୍ତି ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ସର୍ବ ପ୍ରଥମ ଆଶ୍ଚର୍ଯ୍ୟ କର୍ମ ଏକ ବିବାହ ଭୋଜିରେ ହୋଇଥିଲା । ଏକ ଅସୁବିଧା ଉପୁଜିଲା, ସେଠାରେ ସମସ୍ତଙ୍କ ପାଇଁ ଯଥେଷ୍ଟ ଦ୍ରାକ୍ଷାରସ ନଥିଲା ।



ମରୀୟମ୍ ଯୀଶୁଙ୍କ ମାତା, ସେହି ଅସୁବିଧା ବିଷୟରେ ଅବଗତ କରିଲେ । ତା ପରେ ସେ ପରିଚାରକ ମାନଙ୍କୁ କହିଲେ ସେ ଯାହା ବି କରିବାକୁ କହନ୍ତି ତାହାର ଆଜ୍ଞା ଅନୁଷାରେ କର ।



ଏହି ମାଠିଆ ଗୁଡ଼ିକ ଜଳରେ ଭର୍ତ୍ତୀ କର, ଯୀଶୁ ସେମାନଙ୍କୁ କହିଲେ । ଜଳ? ସେମାନେ ପଢ଼ାରିଥାଇ ପାରନ୍ତି । ହଁ, ଜଳରେ ପୂର୍ଣ୍ଣ କରିବାକୁ ଯୀଶୁ ସେମାନଙ୍କୁ ଅନୁରୋଧ କରିଥିଲେ ।



ତା ପରେ ଯୀଶୁ ଏକ ସେବକଙ୍କୁ କହିଲେ, ଏବେ ଏଠାରୁ କିଛି ବାହାର
କରି ଭୋଜର ଅଧ୍ୟକ୍ଷଙ୍କ ନିକଟକୁ
ଘେନିଯାଅ, ସେ ପ୍ରଥମେ ଏହାକୁ
ଆସ୍ୱାଦନ କରନ୍ତୁ । ବର୍ତ୍ତମାନ୍
ସେହି ଜଳ ଦ୍ରୀକ୍ଷାରସ
ହୋଇଯାଇଥିଲା,
ଭଲ ପ୍ରାକ୍ଷାରସ,
ଉତ୍ତମ ଦ୍ରାକ୍ଷାରସ,
ଅତି ଉତ୍ତମ
ଦ୍ରାକ୍ଷାରସ ।



ସେବକମାନେ ଆଚମ୍ବିତ ହୋଇଗଲେ । ଯୀଶୁ ସେହି ଜଳକୁ ଦ୍ରାକ୍ଷାରସରେ ପରିଣତ କରିଥିଲେ । କେବଳ ପରମେଶ୍ୱର ଏପରି ଆଶ୍ଚର୍ଯ୍ୟ କର୍ମ କରିପାରନ୍ତି ।



ଯୀଶୁ ଆଉ ଅନେକ ଆଶ୍ଚର୍ଯ୍ୟ
କର୍ମ କଲେ । ଏକ ସଂଧ୍ୟା ସମୟରେ,
ସେ ଆଉ ତାଙ୍କର ଶିଷ୍ୟମାନେ ସମସ୍ତେ
ପିତରଙ୍କ ଗୃହକୁ ଗଲେ । ପିତରଙ୍କ ଶାଶୁ
ଜ୍ୱରରେ ଅତ୍ୟନ୍ତ
ପିଡ଼ିତା ଥିଲେ ।



ଯୀଶୁ ପିଡ଼ିତା ସ୍ତ୍ରୀଙ୍କର ହାତକୁ ଷ୍ପର୍ଶ କଲେ । ସେହି ମୁହୁର୍ତ୍ତରେ ସେ ରୋଗମୁକ୍ତ ହୋଇଯାଇଥିଲେ । ସେ ଶେଜରୁ ଉଠି ଯୀଶୁ ଓ ଶିଷ୍ୟ ମାନଙ୍କର ସେବା କଲା ।



ଏକ ସଂଧ୍ୟା ସମୟରେ ସମସ୍ତେ ଶହର ଦ୍ୱାର ନିକଟରେ ଜମା ହୋଇଗଲେ । ଅନେକ ରୋଗଗ୍ରସ୍ତ ଲୋକମାନେ ଆସିଲେ । ଅନ୍ଧ, କାଲ୍ଲା, ବୋବା, ଖଞ୍ଜ, ଏପରିକି ଅଶୁଚି ଆତ୍ମାଗ୍ରସ୍ତ ଲୋକମାନେ ମଧ୍ୟ ଯୀଶୁଙ୍କ ନିଟକୁ ଆସିଲେ ।



ଯୀଶୁ, ପରମେଶ୍ୱରଙ୍କ ପୁତ୍ର, ସାହାଯ୍ୟ କରିପାରନ୍ତି । ଯୀଶୁ ସାହାଯ୍ୟ କଲେ । ଯେଉଁମାନେ ଯୀଶୁଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ସୁସ୍ଥ କଲେ । ଲୋକ ଯେଉଁମାନେ ବହୁ କଷ୍ଟରେ ନିଜ ଜୀବନ ଯାପନ କରୁଥିଲେ ଚାଲି ପାରୁ ନ ଥିଲେ ଓ ଦୌଡ଼ି କିମ୍ବା ଡିଆଁ ମାରି ପାରୁ ନଥିଲେ ।





ଅନ୍ୟମାନେ ଆସିଲେ, ଯେଉଁମାନେ କୋଷ୍ଠ ରୋଗ ହେତୁରୁ ଅବାଗିଆ ଦେଖାଯାଉଥିଲେ ।



ସେମାନେ ସୁସ୍ଥତା
ପାଇଲେ ଯେତେବେଳେ
ଯୀଶୁ ସେମାନଙ୍କୁ ସୁସ୍ଥ
କଲେ ।

ପୁରୁଷ ଓ ସ୍ତ୍ରୀ ମାନେ
ଯେଉଁମାନେ ଅଶୁଚି
ଆତ୍ମା ହେତୁରୁ ଯନ୍ତ୍ରଣା
ଅନଭବ କରୁଥିଲେ,
ଯୀଶୁଙ୍କ ଆଗରେ
ଛିଡ଼ା ହେଲେ । ସେ
ସେହି ଅଶୁଚି ଆତ୍ମା
ମାନଙ୍କୁ ବାହାରି
ଯିବାକୁ ଆଜ୍ଞା
ଦେଲେ ।



ଯେତେବେଳେ ଅଶୁଚି

ଆତ୍ମା ଗୁଡ଼ିକ ତାଙ୍କ

ଆଜ୍ଞା ମାନିଲେ,

ଭୟକଲେ,

ଦୁଃଖରେ ଥିବା

ଲୋକମାନେ ଶାନ୍ତି

ଓ ଆନନ୍ଦ କଲେ ।



ଲୋକଗହଳି ପଛରେ, ଚ଼ାରିଜଣ ଲୋକ ତାଙ୍କର ଏକ ବନ୍ଧୁଙ୍କୁ ଯୀଶୁଙ୍କ ନିକଟକୁ ଆସିବାକୁ ସାହାଯ୍ୟ କଲେ । ମାତ୍ର ସେମାନେ ତାଙ୍କ ପାଖକୁ ଯାଇ ପାରିଲେ ନାହିଁ । ସେମାନେ ଏବେ କଣ କରିବେ ।





ସେହି ରୋଗିକୁ ବୋଝେଇ
ସେମାନେ ସେହି ଗୃହର ଛାତକୁ
ପଳାଇଗଲେ, ...


... ସେହି ବିଶ୍ୱସ୍ତ ଚ଼ାରି ବନ୍ଧୁମାନେ ଗୃହର ଛାତକୁ
ବାହାର କରିଲେ ଓ ସେହି ମଧ୍ୟଦେଇ
ରୋଗୀଙ୍କୁ ତଳକୁ ଖସାଇଦେଲେ ।
ବର୍ତ୍ତମାନ୍ ସେ ଯୀଶୁଙ୍କ
ପାଖରେ ।

ଯୀଶୁ ସେହି ଚ଼ାରି ବନ୍ଧୁଙ୍କର
ବିଶ୍ୱାସକୁ ଦେଖିଲେ । ସେ ସେହି
ରୋଗୀଙ୍କୁ କହିଲେ, ତୁମ୍ଭର
ପାପସବୁ କ୍ଷମା କରିଗଲା ।
ତୁମ୍ଭର ଖଟିଆ ଘେନି
ଚ଼ଲିଯାଅ । ସେହି ଲୋକ
ଭଲ ଶକ୍ତ ହୋଇ ଛିଡ଼ା
ହେଲା । ଯୀଶୁ ତାଙ୍କୁ
ସୁସ୍ଥ କରିଥିଲେ ।





ସଂଙ୍ଗେ ସଂଙ୍ଗେ ଯୀଶୁ ନିଜ ଶିଶ୍ୟମାନଙ୍କ ସହିତ ନୌକାରେ ବସିଲେ । ସେହି ସମୟରେ ସମୁଦ୍ରରେ ଭୟଙ୍କର ଝଡ଼ ତୋଫାନ୍ ହେଲା ଓ ଯୀଶୁ ନିଦ୍ରାଯାଇଥିଲେ । ଭୟଭୀତ ଶିଶ୍ୟମାନେ ଯୀଶୁଙ୍କୁ ନିଦ୍ରାରୁ ଉଠାଇଲେ । ଗୁରୁ ଆମ୍ଭେମାନଙ୍କୁ ରକ୍ଷା କରନ୍ତୁ, ସେମାନେ ପ୍ରାର୍ଥନା କଲେ । ଆମ୍ଭମାନେ ବୁଡ଼ିବାକୁ ଯାଉଛୁ ।

ସୁସ୍ଥିର ହୁଅ, ଯୀଶୁ ସମୁଦ୍ର ଲହଡ଼ିକୁ ଆଜ୍ଞା ଦେଲେ । ତତ୍କ୍ଷଣାତ୍, ସମୁଦ୍ର ଶାନ୍ତ ହୋଇଗଲା । ଏହା କିପରି ଲୋକ, ନିଜର ଶିଶ୍ୟମାନେ ନିଜ ନିଜ ମଧ୍ୟରେ କହିବାକୁ ଲାଗିଲେ । ଏପରି କି ବାୟୁ ଏବଂ ସମୁଦ୍ର ମଧ୍ୟ ତାଙ୍କ ଆଜ୍ଞା ମାନନ୍ତି ।



ସେମାନେ ବିଶ୍ୱାସ କଲେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି କାରଣ ତାଙ୍କର ଆଶ୍ଚର୍ଯ୍ୟ କର୍ମ ପରମେଶ୍ୱରଙ୍କ ମହିମା ପ୍ରକାଶ କରେ । ତାଙ୍କର ଶିଷ୍ୟମାନେ ଏକଥା ଆଗରୁ ଜାଣି ନଥିଲେ, କିନ୍ତୁ ସେମାନେ ତାଠାରୁ ବି ଅଧିକ ଆଶ୍ଚର୍ଯ୍ୟ କର୍ମ ଦେଖିବାକୁ ଯାଉଛନ୍ତି କାରଣ ଯୀଶୁ ସେମାନଙ୍କ ସହିତରେ ରହି ପରମେଶ୍ୱରଙ୍କ ସେବା କରୁଥିଲେ ।



# ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୮-୯, ମାର୍କ ୧-୨, ମାର୍କ ୪, ଲୂକ ୪, ଲୂକ ୮, ଯୋହନ ୨

"ତୁମ୍ଭ ପ୍ରବେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬